# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

ସମିତି ସର୍କୁଲାର ନଂ. ......୬୬ ତା.୦୭.୦୯.୨୦୧୭

ଏତତ୍ ଦ୍ୱାରା ସମସ୍ତ ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସମିତିମାନେ ତାଙ୍କ ସଭ୍ୟ/ସଭ୍ୟାମାନଙ୍କୁ ଦୁଗ୍ଧ ବିଲ୍ ନିଶୋଧନ ନ କରି ବ୍ୟାଙ୍କ୍ ମାଧ୍ୟମରେ ପ୍ରଦାନ କରିବା ପାଇଁ ମହାସଂଘ ତରଫରୁ ନିଷ୍ପତ୍ତି ନିଆଯାଇଅଛି ଏବଂ ଅଧିକାଂଶ ସମିତି ତାଙ୍କ ସଭ୍ୟ/ସଭ୍ୟାମାନଙ୍କୁ ନଗଦ ନ ଦେଇ ବ୍ୟାଙ୍କ୍ ମାଧ୍ୟମରେ ଦୁଗ୍ଧ ବିଲ୍ ନିଶୋଧନ କରୁଅଛନ୍ତି । ଯେଉଁ ସମିତିମାନେ ବର୍ତ୍ତମାନ ସୁଦ୍ଧା ସଭ୍ୟ/ସଭ୍ୟାମାନଙ୍କୁ ନଗଦ ନିଶୋଧନ କରୁଅଛନ୍ତି ତାଙ୍କୁ ମଧ୍ୟ ନଗଦ ନ ଦେଇ ବ୍ୟାଙ୍କ୍ ମାଧ୍ୟମରେ ଦୁଗ୍ଧ ବିଲ୍ ନିଶୋଧନ ପାଇଁ ଜଣାଇ ଦିଆଗଲା ।

ଗତ ତା.୨୮.୦୮.୨୦୧୭ ରିଖରେ ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍ ସଭାରେ ଜଣାଇଥିଲେ ଯେ, କୌଣସି ସମିତିରେ ନଗଦ ଆକାରରେ ଦୁଗ୍ଧ ବିଲ୍ ନିଶୋଧନ କରିବେ ନାହିଁ । ଏଣୁ ବର୍ତ୍ତମାନ ସ୍ଥିତିରେ ଦୁଗ୍ଧଚାଷୀମାନଙ୍କୁ ସେମାନଙ୍କ ଦୁଗ୍ଧ ମୂଲ୍ୟ ଦେୟ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଜମା କରିବା ଅନିବାର୍ଯ୍ୟ ଅଟେ । ଏଥିପାଇଁ ସମସ୍ତ ସମିତି ସମ୍ପାଦକ/ସମ୍ପାଦିକାମାନେ ସଭ୍ୟ/ସଭ୍ୟାମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ସଂଗ୍ରହ କରି ଦୁଗ୍ଧ ଦେୟ ସେମାନଙ୍କ ଆକାଉଣ୍ଟ ରେ ଜମା କରିବେ । ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍ ଏହାକୁ ଆସନ୍ତା ତା.୩୦.୦୯.୨୦୧୭ରିଖ ସୁଦ୍ଧା କଡ଼ାକଡ଼ି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ପୁନଃ ସମିତିକୁ ନୂତନ କରି ଯୋଗାଉଥିବା ଦୁଗ୍ଧଚାଷୀ କିମ୍ବା ବନ୍ଦ କରି ଆରମ୍ଭ କରିଥିବା ଚାଷୀମାନଙ୍କ ଦୁଗ୍ଧ ସମିତିରେ ଗ୍ରହଣ ପୂର୍ବରୁ ତାଙ୍କର ବ୍ୟାଙ୍କ୍ ଖାତା ଏବଂ ଆଧାର କାର୍ଡ୍ ର ନକଲ ବାଧ୍ୟତାମୂଳକ ଭାବରେ ଗ୍ରହଣ କରିବେ ।

ଏହାକୁ ସମସ୍ତ ସମିତିମାନେ କଡ଼ାକଡ଼ି ଭାବରେ ପାଳନ କରିବାକୁ ଅନୁରୋଧ ।

(ସ୍ୱାକ୍ଷର)
ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ......୧୨୭୫ ତା.୦୭.୦୯.୨୦୧୭

ନକଲ ପାଇବେ -୧. ସମସ୍ତ ସମିତି

୨. ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ/ଡେପୁଟୀ ମ୍ୟାନେଜର ।

୩. ଡେପୁଟୀ ଜେନେରାଲ୍ ମ୍ୟାନେଜର (ପି. ଏଣ୍ଡ୍. ଆଇ), ଓମଫେଡ୍, ଭୁବନେଶ୍ୱର ।

(ସ୍ୱାକ୍ଷର)
ସାଧାରଣ ପରିଚାଳକ